ଉତ୍ତର ପ୍ରଦେଶ ରାଜ୍ୟ

ବନାମ

ଦେବେନ୍ଦ୍ର ସିଂହ

13 ଏପ୍ରିଲ, 2004

[ଡୋରାଇସ୍ୱାମୀ ରାଜୁ ଏବଂ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଦ୍ୱୟ]

ଦଣ୍ଡ ସଂହିତା, 1860: ଧାରା 302, 376 ଏବଂ 201- ବଳାତ୍କାର ଏବଂ ହତ୍ୟା- ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣ- ମୂଲ୍ୟାୟନ- ଘଟଣାର କିଛି ସମୟ ପୂର୍ବରୁ ପୀଡ଼ିତାଙ୍କୁ ଅଭିଯୁକ୍ତଙ୍କ ସହ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା- ଅଭିଯୁକ୍ତ ତାଙ୍କ ଆଖୁ କ୍ଷେତ ଯାଞ୍ଚ କରିବାକୁ ମନା କରିଦେଇଥିଲା- ଅଭିଯୁକ୍ତଙ୍କ ଆଖୁ କ୍ଷେତରୁ ପୀଡିତାଙ୍କ ମୃତ ଶରୀର ଉଦ୍ଧାର କରାଯାଇଥିଲା- ସାକ୍ଷୀମାନଙ୍କ ମଧ୍ୟରୁ ଜଣେ 16 ବର୍ଷ ବୟସ୍କ (ପି. ଡବ୍ଲ୍ୟୁ.-4) ସାକ୍ଷ୍ୟ ଦେଇଥିଲେ ଯେ ସେ ଅଭିଯୁକ୍ତକୁ ମୃତ ବ୍ୟକ୍ତିଙ୍କ ଗଳା ଚିପି ହତ୍ୟା କରୁଥିବା ଦେଖିଥିଲେ- ବିଚାରଣ ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ- ଉଚ୍ଚ ନ୍ୟାୟାଳୟ ଦୋଷମୁକ୍ତି କରି କହିଲେ ଯେ ପିଡବ୍ଲ୍ୟୁ-4 ତିନି ଦିନ ଧରି ଏହି ଘଟଣା ଦେଖିଥିବା ବିଷୟରେ ପ୍ରକାଶ କରିନଥିଲେ, ତାଙ୍କର ଆଚରଣ ଅସ୍ୱାଭାବିକ ଥିଲା ଏବଂ ତାଙ୍କ ପ୍ରମାଣ ଆତ୍ମବିଶ୍ୱାସ ସୃଷ୍ଟି କରିନଥିଲା- କୁହାଗଲା, ମନୁଷ୍ୟର ବ୍ୟବହାର ବ୍ୟକ୍ତିରୁ ବ୍ୟକ୍ତି ଭିନ୍ନ ହୋଇଥାଏ- ପ୍ରାକୃତିକ କାର୍ଯ୍ୟାନୁଷ୍ଠାନର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ, ଜଣେ ସାକ୍ଷୀ କୌଣସି ନିର୍ଦ୍ଦିଷ୍ଟ ଢଙ୍ଗରେ ପ୍ରତିକ୍ରିୟା ଦେଇନାହାଁନ୍ତି ବୋଲି ପ୍ରମାଣକୁ ଖାରଜ କରିବା ଅର୍ଥ ଏହିକି ଯେ ପ୍ରମାଣକୁ ସମ୍ପୂର୍ଣ୍ଣ ଅବାସ୍ତବ ଏବଂ ଅକଳ୍ପନୀୟ ଢଙ୍ଗରେ ମୂଲ୍ୟାୟନ କରିବା- ସାକ୍ଷୀ ଜଣକ ଜଣେ ଯୁବକ ଥିଲେ ଏବଂ ତାଙ୍କ ପରିସାକ୍ଷ୍ୟ ଅନୁଯାୟୀ ଅଭିଯୁକ୍ତ ଜଣେ ପୁରୁଣା ଦାଗୀ ଥିଲେ ଏବଂ ତାଙ୍କୁ ଧମକ ଦେଇଥିଲେ- କିଛି ସମୟ ପାଇଁ ଅନ୍ୟମାନଙ୍କୁ ନ କହିବାକୁ ତାଙ୍କର ନୀରବତା ସନ୍ଦେହଜନକ କିମ୍ବା ଅପ୍ରାକୃତିକ ବୋଲି କୁହାଯାଇପାରିବ ନାହିଁ - ପି.ଡବ୍ଲ୍ୟୁ.-4 ର ସାକ୍ଷ୍ୟ ପ୍ରମାଣ ସହିତ, ଘଟଣାର କିଛି ସମୟ ପୂର୍ବରୁ ମୃତ ବ୍ୟକ୍ତି ଏବଂ ଅଭିଯୁକ୍ତକୁ ଦେଖିଥିବାର ଦାବି କରିଥିବା ଅନ୍ୟ ଦୁଇ ଜଣ ସାକ୍ଷୀଙ୍କ ପ୍ରମାଣ ଗୁରୁତ୍ୱପୂର୍ଣ୍ଣ- ଶେଷଥର ଦେଖାଯାଇଥିବା ସିଦ୍ଧାନ୍ତ ଏପରି ଏକ କାରଣ ଥିଲା ଯାହାକୁ ଉଚ୍ଚ ନ୍ୟାୟାଳୟ ବିଧିବଦ୍ଧ ଭାବେ ବିଚାର କରିନଥିଲେ- ଅଭିଯୁକ୍ତ ପ୍ରଥମେ ତାଙ୍କ କ୍ଷେତରେ ଅନୁସନ୍ଧାନ କରିବାକୁ ବାଧା ଦେଇଥିଲା, କିନ୍ତୁ ମୃତଦେହ ତାଙ୍କ କ୍ଷେତରୁ ଉଦ୍ଧାର କରାଯାଇଥିଲା- ଏହି ପରିସ୍ଥିତି, ଅଭିଯୁକ୍ତଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରାରମ୍ଭିକ ପ୍ରତିରୋଧ ସହିତ, ତାଙ୍କ ଦୋଷର ଯଥାର୍ଥତା ପ୍ରତିପାଦନ କରିବାକୁ ଯଥେଷ୍ଟ- ନଥିରେ ଥିବା ପ୍ରମାଣ ଅନିବାର୍ଯ୍ୟ ଉପସଂହାର ଆଡ଼କୁ ନେଉଛି ଯେ ଅଭିଯୁକ୍ତ ପୀଡିତାଙ୍କ ବଳାତ୍କାର ଏବଂ ହତ୍ୟା ପାଇଁ ଦାୟୀ- ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ପଷ୍ଟ ଭାବରେ ବିକୃତ ଉପସଂହାର ଦୃଷ୍ଟିରୁ, ଏହାର ରାୟ ଅସମର୍ଥନୀୟ ଏବଂ ରଦ୍ଦ ହୋଇଛି- ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶର ପୁନରୁଦ୍ଧାର- ସାକ୍ଷ୍ୟ ପ୍ରମାଣ- ମୂଲ୍ୟାୟନ- ଦୋଷମୁକ୍ତ ହେବାର ରାୟ- କୁ ରଦ୍ଦ- ଶେଷ ପରିଦୃଷ୍ଟ ତତ୍ତ୍ୱ ।

ରାଣା ପ୍ରତାପ ଏବଂ ଅନ୍ୟମାନେ ବନାମ ହରିୟାଣା ରାଜ୍ୟ, [1983] 3 ଏସସିସି 327, ଉପରେ ନିର୍ଭର କରାଯାଇଛି ।

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 617/1998

ସିଆରଏଲ ଏ. ସଂଖ୍ୟା 191/1980 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ତା 12.3.1996 ରିଖ ରାୟ ତଥା ଆଦେଶରୁ ।

ଆବେଦନକାରୀମାନଙ୍କ ପକ୍ଷରୁ ପ୍ରଶାନ୍ତ ଚୌଧୁରୀ ଏବଂ ଜତିନ୍ଦର କୁମାର ଭାଟିଆ ।

ପ୍ରତିବାଦୀଙ୍କ ପକ୍ଷରୁ ରଞ୍ଜନ ମୁଖାର୍ଜୀ (ଏ.ସି.) ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି । ଏହି ଆବେଦନରେ ଉତ୍ତର ପ୍ରଦେଶ ରାଜ୍ୟ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଦିଆଯାଇଥିବା ରାୟର ବୈଧତା ଉପରେ ପ୍ରଶ୍ନ ଉଠାଇଛି ଯାହା ଭାରତୀୟ ଦଣ୍ଡ ସଂହିତା 1860 (ସଂକ୍ଷେପରେ 'ଆଇପିସି') ର ଧାରା 302, 376 ଏବଂ 201 ଅଧୀନରେ ଅଭିଯୁକ୍ତ-ପ୍ରତିବାଦୀଙ୍କ ଦଣ୍ଡାଦେଶକୁ ରଦ୍ଦ କରିଥିଲେ । ବିଚାରଣ ନ୍ୟାୟାଳୟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ପ୍ରଥମ ଅପରାଧ ପାଇଁ ତାଙ୍କୁ ଆଜୀବନ କାରାଦଣ୍ଡ ଏବଂ ଅନ୍ୟ ଦୁଇଟି ଅପରାଧ ପାଇଁ ଯଥାକ୍ରମେ ସାତ ବର୍ଷ ଏବଂ ପାଞ୍ଚ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଉଚ୍ଚ ନ୍ୟାୟାଳୟ, ଆବେଦନରେ, ବିଚାରଣ ନ୍ୟାୟାଳୟର ରାୟକୁ ପାଲଟାଇ ଦେଇଥିଲେ ଏବଂ ଦୋଷ ମୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଜନଙ୍କ ଦ୍ୱାରା ଉପସ୍ଥାପିତ ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଗଲା:

ଅଭିଯୋଗକାରୀ ବ୍ରିଜ ଲାଲ (ପିଡବ୍ଲ୍ୟୁ-1)ଙ୍କ ପ୍ରାୟ 10 ବର୍ଷ ବୟସର ମୃତ ଝିଅର ପିତା ଥିଲେ । 26.12.1978 ରେ, ପ୍ରାୟ ମଧ୍ୟାହ୍ନ ସମୟରେ, ମୃତ ଝିଅ ଆଖୁ ଚୋବାଇବା ପାଇଁ ଅଭିଯୁକ୍ତଙ୍କ ପିତା ରାଜେନ୍ଦ୍ର ସିଂଙ୍କ 'କୋଲହୁ' ନିକଟକୁ ଯାଇଥିଲେ । ସାକ୍ଷୀମାନେ ତାଙ୍କୁ 'କୋଲହୁ' ରେ ଆଖୁ ଚୋବାଇଥିବାର ଦେଖିଥିଲେ । ତେବେ ସେ ଯାହା ହେଉ, ସେ ଘରକୁ ଫେରିନଥିଲେ । ଅଭିଯୋଗକାରୀ (ପି.ଡବ୍ଲ୍ୟୁ.-1) ତାଙ୍କୁ ଖୋଜିଲେ, କିନ୍ତୁ ତାଙ୍କୁ ପାଇପାରିଲେ ନାହିଁ । ପ୍ରତ୍ୟକ୍ଷଦର୍ଶୀମାନେ ତାଙ୍କୁ କହିଥିଲେ ଯେ ମୃତ ଝିଅ ଜଣକ ଅଭିଯୁକ୍ତଙ୍କ 'କୋଲହୁ' ରେ ଆଖୁ ଚୋବାଉଥିବାର ଦେଖିବାକୁ ମିଳିଥିଲା ଏବଂ ପରେ ସେ ଅଭିଯୁକ୍ତଙ୍କ ସହ ତାଙ୍କ ଆଖୁ କ୍ଷେତ ଆଡ଼କୁ ଯାଉଥିବା ଦେଖିବାକୁ ମିଳିଥିଲା । ଅଭିଯୋଗକାରୀ ଏବଂ ଅନ୍ୟ କେତେକ ସାକ୍ଷୀମାନେ ପରଦିନ ଅଭିଯୁକ୍ତ ଦେବେନ୍ଦ୍ର ସିଂହଙ୍କ ଆଖୁ କ୍ଷେତକୁ ଉକ୍ତ କ୍ଷେତରେ ମୃତ ଝିଅକୁ ଖୋଜିବା ପାଇଁ ଯାଇଥିଲେ । ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଉକ୍ତ ଆଖୁ କ୍ଷେତ ଦେଖିବାକୁ ଅନୁମତି ଦେଇନଥିଲେ । ଏହା ପରେ, ଅଭିଯୋଗକାରୀ ତାଙ୍କ ସହିତ ଗାଁର 'ପ୍ରଧାନ' ଏବଂ ଅନ୍ୟ ବ୍ୟକ୍ତିମାନଙ୍କୁ ନେଇଯାଇଥିଲେ ଏବଂ ସେମାନେ ସମସ୍ତେ ଅଭିଯୁକ୍ତଙ୍କ ଆଖୁ କ୍ଷେତରେ ମୃତ ଝିଅଙ୍କୁ ଖୋଜାଖୋଜି କରିଥିଲେ । ଖୋଜାଖୋଜି ସମୟରେ ଦକ୍ଷିଣ ଦିଗକୁ ଥିବା କ୍ଷେତର କିଛି ଅଂଶକୁ ସଦ୍ୟ ଖୋଳା ଯାଇଥିବା ଦେଖିବାକୁ ମିଳିଥିଲା । ଅଭିଯୋଗକାରୀ ଏବଂ ଅନ୍ୟମାନେ ଉକ୍ତ ସ୍ଥାନ ଖୋଳିଥିଲେ ଏବଂ ମୃତ ଝିଅଙ୍କ ଶବ ସେଠାରେ ପୋତି ହୋଇଥିବାର ଦେଖିବାକୁ ମିଳିଥିଲା । ଅଭିଯୋଗକାରୀ ସେଠାରେ ଉପସ୍ଥିତ ଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ମୃତଦେହ ଉପରେ ନଜର ରଖିବାକୁ କହିଥିଲେ ଏବଂ ସେ ନିଜେ ଏତଲା ଦାଖଲ କରିବାକୁ ପୋଲିସ ଷ୍ଟେସନ ଯାଇଥିଲେ । ଅଭିଯୋଗକାରୀ 27.12.1978 ରେ ସନ୍ଧ୍ୟା 7ଟା 10 ମିନିଟରେ ବିଲଗ୍ରାମ ଥାନାରେ ଏତଲା ଦାୟର କରିଥିଲେ । ଏହି ସୂଚନା ଆଧାରରେ ତଦନ୍ତ କରାଯାଇଥିଲା । ତଦନ୍ତ ଶେଷ ହେବା ପରେ ଆରୋପପତ୍ର ଦାଖଲ କରାଯାଇଥିଲା । ଅଭିଯୁକ୍ତମାନେ ନିର୍ଦ୍ଦୋଷ ବୋଲି ଦର୍ଶାଇଥିଲେ ଏବଂ ବିଚାରର ସମ୍ମୁଖୀନ ହୋଇଥିଲେ ।

ଅଭିଯୋଜନ ଏହାର ଅଭିଯୋଗର ଯଥାର୍ଥତା ପ୍ରତିପାଦନ କରିବା ପାଇଁ ମୁଖ୍ୟତଃ ତିନି ଜଣ ସାକ୍ଷୀଙ୍କୁ ପରୀକ୍ଷା କରିଥିଲେ । ସେମାନେ ହେଲେ ପି. ଡବ୍ଲ୍ୟୁ. 2 ଏବଂ 3 ଯିଏ ଘଟଣାର ଠିକ୍ ପୂର୍ବରୁ ଅଭିଯୁକ୍ତଙ୍କୁ ମୃତ ଝିଅ ସହିତ ଦେଖିଥିବାର ଦାବି କରିଥିଲେ, ଏବଂ ପି.ଡବ୍ଲ୍ୟୁ.-4 ଯିଏ ଜଣେ ପ୍ରତ୍ୟକ୍ଷଦର୍ଶୀ ବୋଲି ଦାବି କରିଥିଲେ । ସେ କହିଥିଲେ ଯେ ଅଭିଯୁକ୍ତ ଜଣକ ମୃତ ଝିଅର ଗଳା ଚିପି ହତ୍ୟା କରୁଥିବାର ସେ ଦେଖିଥିଲେ । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ପି.ଡବ୍ଲ୍ୟୁ.-4 ଙ୍କ ପ୍ରମାଣ ଆତ୍ମବିଶ୍ୱାସ ସୃଷ୍ଟି କରିନଥିଲା । ତାଙ୍କର ଆଚରଣ ଅସ୍ୱାଭାବିକ ଥିଲା । ଏହା ସ୍ୱୀକାର କରାଯାଇଥିଲା ଯେ ସେ ପ୍ରାୟ ତିନି ଦିନ ଧରି ଏହି ଘଟଣା ଦେଖିଥିବା ବିଷୟରେ ପ୍ରକାଶ କରିନଥିଲେ । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ଲକ୍ଷ୍ୟ କଲେ ଯେ ଉକ୍ତ ସାକ୍ଷୀ ଗୋଟିଏ ସ୍ଥାନରେ ସ୍ୱୀକାର କରିଥିଲେ ଯେ ସେ ଘଟଣାଟିକୁ ଦେଖିନାହାଁନ୍ତି, କିନ୍ତୁ ପରଦିନ ତାଙ୍କ ପରୀକ୍ଷା ସମୟରେ ପୁନର୍ବାର କହିଥିଲେ ଯେ ସେ ଘଟଣାଟିକୁ ଦେଖିଥିଲେ । ଏହି ପୃଷ୍ଠଭୂମି ସାକ୍ଷୀଙ୍କୁ ଅବିଶ୍ୱସନୀୟ ବୋଲି ଧରାଯାଇଥିଲା । ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଅଭିଯୁକ୍ତଙ୍କୁ କଥିତ ଅପରାଧ ସହିତ ଯୋଡିବା ପାଇଁ ଅନ୍ୟ କୌଣସି ତଥ୍ୟ ନାହିଁ ।

ଆବେଦନକୁ ସମର୍ଥନ କରି, ଆବେଦନକାରୀଙ୍କ ଶ୍ରୀମାନ ଓକିଲ ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଭୁଲ ଅଟେ । କେବଳ ଏଥିପାଇଁ ଯେ ପି. ଡବ୍ଲ୍ୟୁ.-4, ଯିଏକି ପ୍ରାସଙ୍ଗିକ ସମୟରେ ପାଖାପାଖି 16 ବର୍ଷ ବୟସର ଥିଲେ, ଏବଂ ପ୍ରାୟ ତିନି ଦିନ ଧରି ତା' ଉପରେ ହୋଇଥିବା ଅତ୍ୟାଚାରକୁ ଦେଖିଥିବା କଥା ପ୍ରକାଶ ନ କରିବାର କାରଣ ଦର୍ଶାଇଛନ୍ତି, ଯାହା ତାଙ୍କ ବିଶ୍ୱସନୀୟ ପ୍ରମାଣକୁ ପୋଛିଦେବା ପାଇଁ ଯଥେଷ୍ଟ ନୁହେଁ । ସେ ଅତ୍ୟନ୍ତ ପଛୁଆ ଅଞ୍ଚଳର ଜଣେ ଅଶିକ୍ଷିତ ବାଳକ ଏବଂ ଜଣେ କୃଷି ଶ୍ରମିକ ଥିଲେ । ତେଣୁ, ତାଙ୍କର ଆଚରଣ ଅସ୍ୱାଭାବିକ ନୁହେଁ ବୋଲି ଉଚ୍ଚ ନ୍ୟାୟାଳୟ ବିଚାର କରିବା ଉଚିତ ନୁହେଁ । ଏହା ଦର୍ଶାଯାଇଥିଲା ଯେ ଏପରି କୌଣସି ଅଭିଲେଖ ନାହିଁ ଯାହା ଦର୍ଶାଇବ ଯେ ସେ ଘଟଣାଟିକୁ ଦେଖି ନଥିବାର ସ୍ୱୀକାର କରିଥିଲେ । ଏହା ଅଭିଲେଖରେ ତ୍ରୁଟି ଥିବା ପରି ମନେହୁଏ । ପୁନଶ୍ଚ ପି. ଡବ୍ଲ୍ୟୁ. 2 ଏବଂ 3 ର ପ୍ରମାଣ ଏବଂ ଅଭିଯୁକ୍ତଙ୍କ କ୍ଷେତରେ ମୃତଦେହଟି ମିଳିଥିଲା, ଯିଏ ପ୍ରଥମେ ଲୋକଙ୍କୁ କ୍ଷେତକୁ ଯିବାକୁ ବାରଣ କରିଥିଲେ, ଏତାଦୃଶ ପରିସ୍ଥିତି ଅଭିଯୁକ୍ତଙ୍କ ଦୋଷକୁ ସ୍ପଷ୍ଟ ଭାବରେ ସୂଚିତ କରେ । ଡାକ୍ତରୀ ପ୍ରମାଣ ସ୍ପଷ୍ଟ ଭାବରେ ପ୍ରମାଣିତ କରିଥିଲା ଯେ ପୀଡିତାଙ୍କୁ ବଳାତ୍କାର ଏବଂ ହତ୍ୟା କରାଯାଇଥିଲା ।

ଏହାର ଉତ୍ତରରେ, ଶ୍ରୀମାନ ନ୍ୟାୟମିତ୍ର ଶ୍ରୀ ରଞ୍ଜନ ମୁଖାର୍ଜୀ ଅନୁରୋଧ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ତାଙ୍କ ଆଚରଣକୁ ଅସ୍ୱାଭାବିକ ବୋଲି ଦର୍ଶାଇ ପି. ଡବ୍ଲ୍ୟୁ.-4 ଙ୍କ ପ୍ରମାଣକୁ ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ଯଦିଓ ନଥି ଏହା ଦର୍ଶାଏ ନାହିଁ, ପରୀକ୍ଷାର ପ୍ରଥମ ଦିନରେ, ପିଡବ୍ଲ୍ୟୁ-4 ଘଟଣାଟିକୁ ଦେଖି ନଥିବା କହିଥିଲେ । ଦିଆଯାଇଥିବା ପରଦିନର ବିବୃତି ଦର୍ଶାଉଛି ଯେ ସମସ୍ତ ସମ୍ଭାବନାରେ ସେ ଏପରି କହିଥିଲେ । ଯଦି ପି. ଡବ୍ଲ୍ୟୁ.-4 ଙ୍କ ପ୍ରମାଣକୁ ବିଚାରରୁ ବାଦ ଦିଆଯାଏ, ତେବେ ଘଟଣା ପୂର୍ବରୁ ଅଭିଯୁକ୍ତଙ୍କୁ ମୃତ ବ୍ୟକ୍ତିଙ୍କ ସହିତ ଦେଖିଥିବାର ଦାବି କରୁଥିବା ଅନ୍ୟମାନଙ୍କ ପ୍ରମାଣର କୌଣସି ପରିଣାମ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ମତ ଯୁକ୍ତିଯୁକ୍ତ, କାରଣ ଏହି ଆବେଦନ ଦୋଷମୁକ୍ତି ରାୟର ବିରୁଦ୍ଧରେ ଅଟେ ।

ପ୍ରତିଦ୍ୱନ୍ଦ୍ୱୀ ଉପସ୍ଥାପନଗୁଡ଼ିକ ଦୃଷ୍ଟିରୁ ପ୍ରଥମେ ଏହା ଦେଖିବାକୁ ପଡିବ ଯେ ଅଭିଯୋଜନ ନିଜ ମାମଲା ପ୍ରତିଷ୍ଠା କରିଛନ୍ତି କି ନାହିଁ । କଡ଼ାକଡ଼ି ଭାବେ କହିବାକୁ ଗଲେ, ଏହି ମାମଲାଟି ପରିସ୍ଥିତିଗତ ପ୍ରମାଣର ନୁହେଁ । ମନୁଷ୍ୟର ଆଚରଣ ବ୍ୟକ୍ତିଠାରୁ ବ୍ୟକ୍ତି ମଧ୍ୟରେ ଭିନ୍ନ ହୋଇଥାଏ । ଭିନ୍ନ ଭିନ୍ନ ଲୋକ ଭିନ୍ନ ପରିସ୍ଥିତିରେ ଭିନ୍ନ ଭିନ୍ନ ଆଚରଣ ଏବଂ ପ୍ରତିକ୍ରିୟା କରିଥାନ୍ତି । ମାନବ ଆଚରଣ ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର

କରେ । ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଜଣେ ବ୍ୟକ୍ତି କିପରି ପ୍ରତିକ୍ରିୟା ପ୍ରକାଶ କରିବେ ଏବଂ ଆଚରଣ କରିବେ ତାହା କଦାପି ପୂର୍ବାନୁମାନ କରାଯାଇପାରିବ ନାହିଁ । ଏକ ଗୁରୁତର ଅପରାଧର ସାକ୍ଷୀ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ଢଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରନ୍ତି । କିଛି ଲୋକ ସ୍ତବ୍ଧ ହୋଇଯାଆନ୍ତି, ମୂକ ହୋଇଯାଆନ୍ତି ଏବଂ ସେହି ସ୍ଥାନରେ ସ୍ଥାଣୁ ହୋଇ ଠିଆ ହୁଅନ୍ତି । କେତେକ ଉଦ୍ବେଗ ହୋଇ କାନ୍ଦିବାକୁ ଆରମ୍ଭ କରନ୍ତି । କେହି କେହି ସାହାଯ୍ୟ ପାଇଁ ଚିତ୍କାର କରିବା ଆରମ୍ଭ କରନ୍ତି । ଅନ୍ୟମାନେ ଘଟଣାସ୍ଥଳରୁ ନିଜକୁ ଯଥାସମ୍ଭବ ଦୂରରେ ରଖିବା ପାଇଁ ଦୌଡ଼ି ପଳାନ୍ତି । କେତେକ ମଧ୍ୟ ପୀଡ଼ିତଙ୍କୁ ଉଦ୍ଧାର କରିବାକୁ ଧାଇଁ ଯାଆନ୍ତି, ଏପରିକି ଆକ୍ରମଣକାରୀଙ୍କୁ ପ୍ରତି-ଆକ୍ରମଣ କରିବା ପର୍ଯ୍ୟନ୍ତ ଯାଆନ୍ତି । କେତେକ ହୁଏତ ଆକ୍ରମଣକାରୀଙ୍କ ପୂର୍ବବର୍ତ୍ତୀ ଘଟଣା କିମ୍ବା ତାଙ୍କ ଦ୍ୱାରା ଦିଆଯାଇଥିବା ଧମକ କାରଣରୁ ଭୟଭୀତ ହୋଇ ରହିପାରନ୍ତି । ଭିନ୍ନ ପରିସ୍ଥିତି ଉପରେ ନିର୍ଭର କରି ଭିନ୍ନ ଭିନ୍ନ ପ୍ରକୃତିର ପ୍ରତ୍ୟେକ ବ୍ୟକ୍ତି, ଏକା ଛଡ଼ାଗଲେ, ସମାନ ପରିସ୍ଥିତିରେ ମଧ୍ୟ ନିଜର ସ୍ୱତନ୍ତ୍ର ଢଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରନ୍ତି । ପ୍ରାକୃତିକ ପ୍ରତିକ୍ରିୟାର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । ଜଣେ ସାକ୍ଷୀ କୌଣସି ନିର୍ଦ୍ଦିଷ୍ଟ ଢଙ୍ଗରେ ପ୍ରତିକ୍ରିୟା ଦେଇନାହାଁନ୍ତି ବୋଲି ଦର୍ଶାଇ ତାଙ୍କ ପ୍ରମାଣକୁ ଖାରଜ କରିବା ଅର୍ଥ ପ୍ରମାଣକୁ ସମ୍ପୂର୍ଣ୍ଣ ଅବାସ୍ତବ ଏବଂ ଅକଳ୍ପନୀୟ ଢଙ୍ଗରେ ମୂଲ୍ୟାୟନ କରିବା । (ଦେଖନ୍ତୁ: *ରାଣା ପ୍ରତାପ ଏବଂ ଅନ୍ୟମାନେ* ବନାମ *ହରିୟାଣା ରାଜ୍ୟ,* [1983] 3 ଏସସିସି 327) ।

ବିଚାରଣ ନ୍ୟାୟାଳୟ ଠିକ୍ ଭାବରେ ଉଲ୍ଲେଖ କରିଛନ୍ତି ଯେ ସାକ୍ଷୀ ଜଣେ ଯୁବକ ଥିଲେ ଏବଂ ତାଙ୍କ ପରିସାକ୍ଷ୍ୟ ଅନୁଯାୟୀ ଅଭିଯୁକ୍ତ ହିଂସାର ଲିପିବଦ୍ଧ ଥିବା ଜଣେ ପୁରୁଣା ଦାଗୀ ଥିଲେ । ଏହା ତାଙ୍କର ସାକ୍ଷ୍ୟ ପ୍ରମାଣ ଯେ ତାଙ୍କୁ ଅଭିଯୁକ୍ତଙ୍କ ଦ୍ୱାରା ଧମକ ଦିଆଯାଇଥିଲା, ତେଣୁ, କିଛି ସମୟ ପାଇଁ ଅନ୍ୟମାନଙ୍କୁ ନ କହିବାରେ ତାଙ୍କର ନୀରବତା, ମାମଲାର ପରିସ୍ଥିତିରେ, ସନ୍ଦେହଜନକ ଏବଂ ଅପ୍ରାକୃତିକ ବୋଲି ଧରାଯାଇପାରିବ ନାହିଁ । ଆହୁରି ମଧ୍ୟ, ଉଚ୍ଚ ନ୍ୟାୟାଳୟ ଏହା କହି ଭୁଲ କରିଥିଲେ ଯେ ସେ ପରୀକ୍ଷା ସମୟରେ କହିଥିଲେ ଯେ ସେ ଘଟଣାଟିକୁ ଦେଖିନାହାଁନ୍ତି ଏବଂ ପରେ ସ୍ପଷ୍ଟ କରିଥିଲେ ଯେ ଅଭିଯୁକ୍ତଙ୍କ ଦ୍ୱାରା ଦିଆଯାଇଥିବା ଧମକ କାରଣରୁ ସେ ଏପରି କରିଛନ୍ତି । ପି. ଡବ୍ଲ୍ୟୁ.-4 କେଉଁଠି ବି କହି ନାହାଁନ୍ତି ଯେ ସେ ଏହି ଘଟଣା ଦେଖିନାହାଁନ୍ତି । ଉଚ୍ଚ ନ୍ୟାୟାଳୟ ମଧ୍ୟ ସାକ୍ଷୀ ଜେରା କରିବାକୁ ମନା କରିଥିଲେ ବୋଲି ନିର୍ଣ୍ଣୟ କରି ଅନ୍ୟ ଏକ ତ୍ରୁଟି କରିଥିଲେ । ଏହି ତଥ୍ୟ ମଧ୍ୟ ନଥିରୁ ପ୍ରମାଣିତ ହେଉନାହିଁ ।

ପି. ଡବ୍ଲ୍ୟୁ.- 4 ଙ୍କ ପ୍ରମାଣ ସହିତ, ପି. ଡବ୍ଲ୍ୟୁ. 2 ଏବଂ 3 ଙ୍କ ସାକ୍ଷ୍ୟ ପ୍ରମାଣ, ଯେଉଁମାନେ ଘଟଣାର କିଛି ସମୟ ପୂର୍ବରୁ ମୃତ ଝିଅ ଏବଂ ଅଭିଯୁକ୍ତଙ୍କୁ ଦେଖିଥିବାର ଦାବି କରିଥିଲେ, ଗୁରୁତ୍ୱପୂର୍ଣ୍ଣ । ଯଦିଓ ଉଚ୍ଚ ନ୍ୟାୟାଳୟ ପି. ଡବ୍ଲ୍ୟୁ.-4 ଙ୍କ ସାକ୍ଷ୍ୟ ପ୍ରମାଣକୁ ବିଚାରରୁ ଦୂରେଇ ରଖିଥିଲେ, ଶେଷ ଥର ପାଇଁ ଦେଖାଯାଇଥିବା ସିଦ୍ଧାନ୍ତ ଏପରି ଏକ କାରଣ ଥିଲା ଯାହାକୁ ଉଚ୍ଚ ନ୍ୟାୟାଳୟ ବିଧିବଦ୍ଧ ଭାବେ ବିଚାର କରିନଥିଲେ । ଅଭିଯୁକ୍ତଙ୍କ କ୍ଷେତରୁ ମୃତଦେହଟି ମିଳିଥିଲା ଏବଂ ଅଭିଲେଖରେ ଥିବା ପ୍ରମାଣରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଅଭିଯୁକ୍ତ ପ୍ରଥମେ ପି. ଡବ୍ଲ୍ୟୁ.-1 ଏବଂ ଅନ୍ୟମାନଙ୍କୁ ତାଙ୍କ କ୍ଷେତରେ ଖୋଜିବାକୁ ବାଧା ଦେଇଥିଲେ, କିନ୍ତୁ ଅନେକ ବୁଝାସୁଝା ପରେ ସେ ମୃତଦେହ ଖୋଜୁଥିବା ବ୍ୟକ୍ତିଙ୍କୁ ନିଜ କ୍ଷେତକୁ ଯିବାକୁ ଅନୁମତି ଦେଇଥିଲେ ଏବଂ ବାସ୍ତବରେ ସେଠାରୁ ମୃତଦେହକୁ ଉଦ୍ଧାର କରାଯାଇଥିଲା । ଅଭିଯୁକ୍ତର ଦୋଷକୁ ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଅଭିଯୁକ୍ତଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରାରମ୍ଭିକ ପ୍ରତିରୋଧ ସହିତ ଉକ୍ତ ଦୃଢ଼ ପରିସ୍ଥିତି ପର୍ଯ୍ୟାପ୍ତ ।

ନଥିରେ ଥିବା ପ୍ରମାଣ ଏକ ଅନିବାର୍ଯ୍ୟ ଉପସଂହାର ଆଡ଼କୁ ନେଉଛି ଯେ ପୀଡିତାଙ୍କ ବଳାତ୍କାର ଏବଂ ହତ୍ୟା ପାଇଁ ଅଭିଯୁକ୍ତ ଦାୟୀ । ଯଦିଓ ଆପତ୍ତି ଅଧୀନସ୍ଥ ରାୟରେ ଦୋଷମୁକ୍ତି ହୋଇଛି, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା

ସ୍ପଷ୍ଟ ଭାବରେ ବିକୃତ ସିଦ୍ଧାନ୍ତ ଦୃଷ୍ଟିରୁ, ଏହା ଅସମର୍ଥନୀୟ ଏବଂ ଏହାକୁ ରଦ୍ଦ କରାଯାଇଛି । ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଦଣ୍ଡବିଧାନ ଏବଂ ଲାଗୁ କରାଯାଇଥିବା ଦଣ୍ଡାଦେଶର ପୁନଃ ପ୍ରତିଷ୍ଠା ହୋଇଛି । ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ଦଣ୍ଡ ଭୋଗିବା ପାଇଁ ଅଭିଯୁକ୍ତ ତୁରନ୍ତ ହାଜତରେ ଆତ୍ମ ସମର୍ପଣ କରିବେ ।

ଶ୍ରୀମାନ ନ୍ୟାୟମିତ୍ର ଶ୍ରୀ ରଞ୍ଜନ ମୁଖାର୍ଜୀ ଯେଉଁଭଳି ନ୍ୟାୟସଙ୍ଗତ ଏବଂ ଦକ୍ଷ ଢଙ୍ଗରେ ଏହି ମାମଲାରେ ଯୁକ୍ତିସମୂହ ଉପସ୍ଥାପନ କରିଥିଲେ, ସେଥିପାଇଁ ଆମ୍ଭେ ଆମ୍ଭର ପ୍ରଶଂସା ଲିପିବଦ୍ଧ କରୁଛୁ ।

ଆର. ପି.

ଆବେଦନକୁ ମଞ୍ଜୁରୀ ଦିଆଯାଉଛି ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ